# ମୃଗୟା

ଜୀବନର ସବୁକିଛି ଏକ ନିଷ୍ଠୁର ଶ୍ଳେଷାର୍ଥବୋଧ ହୁଏ ଅମ୍ଳାନ ଫୁକନଙ୍କୁ । ଏକେ-୪୭ ରାଇଫଲ୍‌ର ଟ୍ରିଗର ଉପରେ ହାତରଖି ପଥ କଢାଇ ଚାଲିଥାନ୍ତି ଆତଙ୍କବାଦୀ ସଂଗଠନର ଜଣେ ସଦସ୍ୟ । ଅନ୍ୟ ଚାରିଜଣ ମଧ ତାଙ୍କୁ ଅନୁସରଣ କରି ଚାଲିଥାନ୍ତି । ତାଙ୍କର ହୃଦୟ ଏକ ଜନମାନବଶୂନ୍ୟ ଗହ୍ୱର ମଧକୁ ତ୍ରାସ ଓ ଆତଙ୍କରେ ନିକ୍ଷେପ ହେବାପରି ପ୍ରତୀୟମାନ ହେଉଥିଲା । କ୍ଲାନ୍ତ ଅବସନ୍ନ ଏକ ସ୍ପନ୍ଦିତ ହୃଦୟ ନେଇ ଅମ୍ଳାନ ଚାଲିଥାନ୍ତି । ଏକ ସାମାନ୍ୟ ମୁହୂର୍ତ୍ତର ବ୍ୟତିକ୍ରମ ହୁଏତ ତାଙ୍କ ପାର୍ଥିବ ଶରୀରଟାକୁ ସେମାନେ ବୁଲେଟର ଜୀବନ୍ତ ଗୁଳି ବର୍ଷଣରେ ନିଃଶେଷ କରିଦେବାଟା କଳ୍ପନାର ବାହାରେ ନୁହେଁ ।

ଅବିଶ୍ରାନ୍ତ ଚଲାପଥ, ପ୍ରାନ୍ତର ପରେ ପ୍ରାନ୍ତର, ଘନ ଜନମାନବ ଶୂନ୍ୟ ଅରଣ୍ୟାନୀ, ସୀମାହୀନ ପର୍ବତମାଳାମାନଙ୍କ ପ୍ରାକୃତିକ ଦୃଶ୍ୟରାଜିର ସୌଗନ୍ଧପୂର୍ଣ୍ଣ ଏକ ପରିଚିତ ସାନ୍ନିଧ୍ୟ ମଧକୁ ଟାଣି ନେଇଗଲାପରି ଲାଗୁଥିଲା ଅମ୍ଳାନଙ୍କୁ । ଧରିତ୍ରୀର ମୁହୁର୍ମୁହୁଃ ବାସ୍ନା କଅଁଳିଆ ଶାଗୁଆ ଘାସର ପ୍ରଲେପ, ବୃକ୍ଷରାଜି ତରୁଲତା, ଇତ୍ୟାଦି ପ୍ରକୃତିର ପ୍ରତିଟି ବିଭାବ ତାଙ୍କ ପୂର୍ବ ପରିଚିତିର ସ୍ୱର ଉତ୍‌ଥାପନ କରୁଥାଏ । ମସ୍ତିଷ୍କ ପେଟିକାରେ ବନ୍ଦ କୋଠରୀଗୁଡ଼ିକ ଏହି ସୌଗନ୍ଧ୍ୟ ବାତାବରଣ ଦ୍ୱାରା ଯେଁପରି ଧୀରେ ଧୀରେ ଉନ୍ମୋଚିତ ହେବାପରି ଲାଗୁଥାଏ । ଏହି ଘଟଣା ଏକ ରହସ୍ୟମୟ ଅଧ୍ୟାୟ ପରି ଲାଗୁଥିଲା ଅମ୍ଳାନଙ୍କୁ ।

ଜୀବନର ପଚାଶଟି ବସନ୍ତ ଅତିକ୍ରମ କରିଥିବା ଅମ୍ଳାନର ପାର୍ଥିବ ଶରୀରଟାର ଯେପରି ପୂର୍ବ ଔଦାର୍ଯ୍ୟ ଏବଂ ଯୌବନର ଉଦ୍ଦାମତା ପ୍ରଶମିତ ହୋଇଯାଉଛି । ଦୀର୍ଘ ବନ ପଥରେ ଅତିକ୍ରାନ୍ତ ପ୍ରତିଟି ମୁହୁର୍ତ୍ତରେ ତାଙ୍କ ଶରୀର କଣ୍ଟା, ଝଟା କୀଟପତଙ୍ଗ ଓ ଜଙ୍ଗଲର ମାଛିମାନଙ୍କ ଦ୍ୱାରା ତିଳ ତିଳ କ୍ଷତବିକ୍ଷତ ହୋଇଯାଇଛି । ପାର୍ବତୀୟ ଜୋକମାନଙ୍କର ରକ୍ତ ଶୋଷଣ ତାଙ୍କୁ ବ୍ୟଥିତ କରିବାରେ ଲାଗିଛି । ତାଙ୍କ ପରିହିତ ଟ୍ରାଉଜରରେ ନିମ୍ନ ଭାଗରେ କର୍ଦ୍ଦମାକ୍ତ ଜଙ୍ଗଲର ମାଟି ଲାଗି ଓଜନରୁ ଓଜନତର

ହେବାରେ ଲାଗିଛି । ତାଙ୍କର ଯତ୍ନହୀନ ଶରୀରଟାରେ ସାର୍ଟର ବାସ୍ତବ ସ୍ଥିତି ବିଷୟରେ ସେ ଯେପରି ଯତ୍ନବାନ ହୋଇପାରି ନାହାନ୍ତି, ସେ ଯେ ଆଜି ପଣ୍ୟବନ୍ଦୀ ।

ଗତାୟୁ ଅତୀତର ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ଯେ ଗତକାଲି ପର୍ଯ୍ୟନ୍ତ ଅମ୍ଲାନ କୌଣସି ଏକ ନାମୀ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବରେ ଅବସ୍ଥାପିତ ଥିଲେ । ଭାଗ୍ୟର ବିଡ଼ମ୍ବନା ଯେ ଦାମୀ ଶୀତତାପ ନିୟନ୍ତ୍ରିତ କାର୍ ଚଢି ସହରରେ ଘୂରିବୁଲୁଥିବା ଅମ୍ଲାନ ଆଜି ଘନ ଜଙ୍ଗଲ ମଧ୍ୟରେ ଏକ ଆତଙ୍କବାଦୀ ସଂଗଠନର କବ୍‌ଜାରେ ଅଛନ୍ତି । ଏହି ସନ୍ତ୍ରାସବାଦୀ ସଂଗଠନ ତାଙ୍କୁ ସହରତଳି ଅଞ୍ଚଳରୁ ଉଠାଇ ନେଇ କାଉ କୋଇଲି ରାବ କରୁନଥିବା ଏପରି ଏକ ଘନ ଅରଣ୍ୟାନୀର ବକ୍ଷରେ ଚଲାଇ ଚଲାଇ ନେଇ ଯାଉଛନ୍ତି । ସେ ଆଶ୍ଚର୍ଯ୍ୟ ହୋଇ ଉଠନ୍ତି ଏପରି ଏକ ଲୋମହର୍ଷଣକାରୀ ଭବିଷ୍ୟତର ପରିକଳ୍ପନା କରି, ଯାହା ଆଜି ବାସ୍ତବ ।

ଗତ କେତେଦିନ ଧରି ଅମ୍ଲାନ ଚାଲିଛନ୍ତି ସେହି ଆତଙ୍କବାଦୀ ସଂଗଠନର ଲୋକମାନଙ୍କ ଗହଣରେ ବିନା କୌଣସି ବାକ୍ୟ ବିନିମୟରେ । ଜୀବନର ପ୍ରଥମ ପର୍ଯ୍ୟାୟରେ ସେ ଏହି ଘଞ୍ଚ ବନାନୀର ଉନ୍ନତ ବର୍ଣ୍ଣବିଭା ସହିତ ସୁପରିଚିତ ଥିଲେ । ଏଠାରେ ଖାଦ୍ୟ ଦ୍ରବ୍ୟ ସବୁ ଯେପରି ତାଙ୍କର ସବୁଠାରୁ ପ୍ରିୟ ଥିଲା । ମାତ୍ର ସହରରେ ପାଦ ଦେଲାପରଠାରୁ ଏପରି ଖାଦ୍ୟ ପାନୀୟ ତାଙ୍କୁ ବିରଳ ହୋଇଯାଇଛି ।

ସେ ପାର୍ବତୀୟ ପ୍ରଦେଶର ସୁଉଚ୍ଚ ଭୂମିରେ ପାଦଦେବାର ଅନୁଭବ କଲେ । ପାର୍ବତୀୟ ଝରଣାର କୁଳୁକୁଳୁ ତାନ ତାଙ୍କ କର୍ଣ୍ଣ ଗହ୍ୱରରେ ଯେପରି ମଧୁର ସଂଗୀତ ପରିବେଷଣ କଲା । ସେହି ରାସ୍ତାରେ ସେ ଆଗକୁ ଅଗ୍ରସର ହୁଅନ୍ତି । ପୁଂନନ ଅନୁଭବ କଲେ ଯେ, ରାସ୍ତାରେ ଏକ ବଡ଼ ଦୁର୍ଘଟଣା ଏଡ଼ାଇ ଦିଆଯାଇପାରିଲା ଯେପରି । ତାଙ୍କ ସହିତ ଆସିଥିବା ଯୁବକ ଜଣକ ତାଙ୍କ ବନ୍ଧୁକରୁ ଦୁଇଟି ଗୁଳି ହଠାତ୍ ଫୁଟାଇ ଦିଅନ୍ତେ ତାହା ଅମ୍ଲାନଙ୍କ ଶରୀରରେ ସାମୟିକ ସ୍ପନ୍ଦନ ଜାଗରିତ କଲା । ସେଥିରୁ ସେ ଅନୁଭବ କରିପାରନ୍ତି ଏହି ଯୁବକ ତାଙ୍କର ଉପସ୍ଥିତି ବୋଧହୁଏ ଜଣାଇ ଦେଲେ ।

ସେହି ଆତଙ୍କବାଦୀ ଯୁବକଠାରୁ ଅନୁମତି ନେଇ ଅମ୍ଲାନ ପାଖରେ ଥିବା ଝରଣା ଆଡ଼କୁ ଅଗ୍ରସର ହୁଅନ୍ତି । ଝରଣା ସୃଷ୍ଟି କରୁଥିବା ଚିରନ୍ତନ ସଂଗୀତ ଯେପରି ତାଙ୍କୁ ବାନ୍ଧି ପକାଇଲା । ନିମ୍ନଗାମୀ ପାର୍ବତୀୟ ନଦୀର ଆବେଗମୟ ମୂର୍ଚ୍ଛନା ତାଙ୍କ ମନ

ପ୍ରାଣକୁ ପ୍ରତି ଛତ୍ରେ ଛତ୍ରେ ରଙ୍ଗିମାମୟ କରି ତୋଳୁଥିଲା ଏପରି ଏକ ସୁନ୍ଦର ପରିବେଶରେ । ଏହି ସମୟରେ ଅମ୍ଳାନ ବନ୍ଧୁକରୁ ଫାୟାରିଂ ଶବ୍ଦ ଶୁଣନ୍ତି । ଗନ୍ ପାଉଡ଼ରର ତୀବ୍ର ଗନ୍ଧରେ ତାଙ୍କର ନାସିକା ମୁଞ୍ଚନ ହେବାରେ ଲାଗିଥିଲା ।

'ସାର୍ ! ଆପଣଙ୍କୁ ଆମେ ଜନ୍ମଭୂମିର ସ୍ୱାଧୀନତା ପାଇଁ ଅପହରଣ କରିବାର ପ୍ରୟାସ କରି ସଫଳ ହୋଇପାରିଲୁ ।' ସେହି ଦାମ୍ଭିକ ତଥା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଯୁବକ ପୁଣି କହି ଉଠିଲେ 'ଆମରି ଦାବୀ ମୁତାବକ ଯଦି ବଟି ଆମକୁ ନମିଳେ ତେବେ ତାହା ଆପଣଙ୍କର କ୍ଷତି ଘଟାଇବ ହିଁ । ଆମ୍ଭର ସିଦ୍ଧାନ୍ତ ଯେ ଆପଣ ଆମକୁ ସହଯୋଗ କରନ୍ତୁ ।'

ଅମ୍ଳାନଙ୍କୁ ଚିହ୍ନିବାରେ କୌଣସି ଦ୍ୱିଧା ନଥିଲା ଯେ ସାମରିକ ପୋଷାକ ପରିହିତ ଦେହରକ୍ଷୀମାନଙ୍କ ଗହଣରେ ଚଳପ୍ରଚଳ ହେଉଥିବା ଏ ଯୁବକ ଏ ଆତଙ୍କବାଦୀ ସଂଗଠନର ମୁଖ୍ୟ ଆନୋଳ ଗୋସେଇଁ ହୋଇପାରନ୍ତି । ରୁକ୍ଷ କର୍କଶ ଭାଷାରେ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରି ଗୋସାଇଁ ମହାଶୟ ସଂକୀର୍ଣ୍ଣ ପାର୍ବତୀୟ ପଥରେ ଅଗ୍ରସର ହେବାରେ ଅମ୍ଳାନଙ୍କ ପାଇଁ ଅନେକ ଭାବରେ ଖୋରାକ ଯୋଗାଇ ଦେଲା । ଅମ୍ଳାନ ଭାବି ଚାଲନ୍ତି ଯେ 'ଏମାନଙ୍କୁ କୁଆଡ଼େ ଜନ୍ମଭୂମି ପାଇଁ ଲଢୁଥିବା ସୈନିକ କୁହାଯିବ, ଯେଉଁମାନଙ୍କର ଭିତ୍ତିଭୂମି ହତ୍ୟା, ଲୁଣ୍ଠନ, ଅପହରଣ ଆଦି ଜଘନ୍ୟ ଅପରାଧ ସହିତ ଦୈନନ୍ଦିନ ସାଲିସ ।' ଗୋଟିଏ ଗଛର ଅଧାକଟା ଗଣ୍ଡି ଉପରେ ବସି ଅମ୍ଳାନ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରି ତାଙ୍କର ଚତୁର୍ଦ୍ଦିଗରେ ଏକେ ୪୭ ଧରି ଜଗିଥିବା ଆତଙ୍କବାଦୀମାନଙ୍କୁ ହିଁ କେବଳ ଦେଖିପାରିଲେ । ଅନେକ ଚପଳମତି ବାଳକ ହାତରେ ବନ୍ଧୁକ, ମେସିନଗନ, ରକେଟ ନିକ୍ଷେପକ, ଦୂରବୀନ ଧରି ଶତ୍ରୁର ଆସିବା ପଥକୁ ଅନିସା କରି ଚାଲିଛନ୍ତି। ଦୂରରୁ ଅନ୍ୟମାନଙ୍କର ମାର୍ଚ୍ଚପାଷ୍ଟ ଏବଂ କମାଣ୍ଡରର ଜ୍ୱଳନୋନ୍ମୁଖୀ ଭାଷଣ ତାଙ୍କ କାନରେ ପଡ଼ି ଦେହରେ ଶିହରଣ ଆସିଯାଇଥାଏ ।

ଅମ୍ଳାନ ଭାବି ଚାଲିଛନ୍ତି ଯେ, ଯୌବନରେ ହିଁ ମଣିଷ ବିପ୍ଳବ, ବୈପ୍ଳବିକ ଚିନ୍ତାଧାରା ବା ବିପ୍ଳବୀ ହେବାର ପନ୍ଥା ଗ୍ରହଣ କରିପାରେ । ସେତେବେଳେ ଗୁଳିର ଫୁଟିବା ଶବ୍ଦ ମଧୁପର ମଧୁ ଗୁଞ୍ଜନର ପ୍ରତୀୟମାନ ହୁଏ । ଏସବୁ ଭାବି ତାଙ୍କ କପାଳରେ ସ୍ୱେଦ ବିନ୍ଦୁମାନ ଜମା ହେବାରେ ଲାଗିଲା । ବିସ୍ତୀର୍ଣ୍ଣ ବନ୍ୟ ପରିବେଶ ମଧ୍ୟରେ ତରୁଣମାନଙ୍କର

ହୃଦୟର ଉଦ୍‌ବେଳନ ହୁଏତ ତାରୁଣ୍ୟର ଲୋମହର୍ଷଣକାରୀ ବିଭାବମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ । ସେ ସେହି ବନ ଭୂମିରେ ଯେ କେତୋଟି ବର୍ଷ କଟାଇଥିଲେ ତାହା ଆଜି ତାଙ୍କର ମନେ ପଡ଼ିଯାଇଛି, ଯେତେବେଳେ କମାଣ୍ଡର ତାଙ୍କ ପ୍ରତି କର୍କଶ ବାକ୍ୟ ପ୍ରୟୋଗ କଲେ । ତାଙ୍କର ମନେପଡ଼େ ବରୁଆ ସାରଙ୍କ ଭାଷା କୌଣସି ପଣ୍ୟବନ୍ଦୀ ପ୍ରତି ଯାହାକୁ ତାଙ୍କ ପରି ସହରର କୌଣସି ଗଳିରୁ ଉଠାଇ ନିଆଯାଇଥାଏ । "ତୁ । ଜାରଜ ସନ୍ତାନ ! ରକ୍ତଶୋଷଣକାରୀ ଜାନୁଆର । ଯଦି ତୋର ଆୟରୁ ଏକ ବିଶିଷ୍ଟ ଅଂଶ ଆମ ସଂଗଠନକୁ ଦାନ ନକରୁ ମୁଁ ତୋର ରକ୍ତ ପିଇଯିବି ।"

ସେମାନେ ମଧ୍ୟରୁ ଜଣେ ତରୁଣ ମୁହଁରେ ସାମାନ୍ୟ ଉଦ୍‌ଗମିତ ଶ୍ମଶ୍ରୁ, ସ୍ମିତହାସ୍ୟର ରେଖାଟାଣି କହିଲେ, 'ଦାଦା ! ଆପଣ ରାତ୍ରିର ଖାଦ୍ୟ ଖାଇ ଏହି ବାଉଁଶବିଛା କୁଟୀରରେ ବିଶ୍ରାମ କରନ୍ତୁ । ମୁଁ ଏଇ ପାଖରେ ଅଛି । ଆପଣଙ୍କର ସେବା ପାଇଁ । ମୋ ନାମ ଅର୍ଣ୍ଣବ ହଜାରିକା। ଅମ୍ଳାନ ଦ୍ୱିଧାଗ୍ରସ୍ତ ହୋଇ ପଡ଼ନ୍ତି। ଏପରି ପରିବେଷ୍ଟନୀରେ ଅର୍ଣ୍ଣବ ପରି ଜଣେ ବ୍ୟକ୍ତିତ୍ୱର ଭଦ୍ର ବ୍ୟବହାରରେ ସେ ଭାବିଲେ ଏହା ଯେପରି ସୃଷ୍ଟିର ଏକ ବ୍ୟତିକ୍ରମ । ସେ ଯେ ନିଶ୍ଚିତ ଏ ସଂଗଠନରେ ଜଣେ ସକ୍ରିୟ ସଭ୍ୟ । ଯାହା ହେଉ ବନ୍ୟ ପରିବେଶରେ ପଶୁମାନଙ୍କ ଭିତରେ ଥିବା ପାଶବିକ ପ୍ରବୃତ୍ତି ବୋଧହୁଏ ଅର୍ଣ୍ଣବକୁ ଛୁଇଁ ପାରିନାହିଁ । ସେ ଅତୀତର ଭାବନା ରାଜ୍ୟରେ ବୁଡ଼ିଯାନ୍ତି ଏବଂ ତାଙ୍କ ମାନସପଟରେ ଏପରି ଜନ୍ମଭୂମିର ମୁକ୍ତିକାମୀ ଆନ୍ଦୋଳନରେ ଝାସଦେଇଥିବା ତରୁଣମାନଙ୍କ ପ୍ରାଣଦାନ ବିଷୟରେ ମନ ଭାରାକ୍ରାନ୍ତ ହୋଇଉଠେ । ସୂର୍ଯ୍ୟ ପଶ୍ଚିମ ଦିଗ୍‌ବଳୟରେ ଅସ୍ତଗାମୀ ହେବାରୁ ତାଙ୍କର ସ୍ୱର୍ଣ୍ଣାଭ କିରଣ ସାରା ବନ ପ୍ରଦେଶକୁ ଆଚ୍ଛାଦିତ କରି ପକାଇଥିଲା । ହଠାତ୍ ସେଇ ସଂଗଠନର ଉପମୁଖ୍ୟ ମି. ରାଭାଙ୍କର ଚିତ୍କାରରେ ସେ ପ୍ରକୃତିସ୍ଥ ହୋଇଉଠନ୍ତି । ସେ ଗୋଟାଏ ସାଟେଲାଇଟ୍ ଟେଲିଫୋନ୍‌ର ରିସିଭର ଅମ୍ଳାନଙ୍କୁ ଧରାଇ ଦେଇ କହିଲେ । 'ତୁମର ବସ୍... ସେ ବାଷ୍ଟାର୍ଡ଼କୁ ପ୍ରମାଣ ଦରକାର ଯେ ତୁମେ ଆମ ପାଖରେ ବନ୍ଦୀ । ଜନ୍ମଭୂମିର ମୁକ୍ତିପାଇଁ ଏବଂ ଆମ ପ୍ରଚେଷ୍ଟା ଜାରି ରଖିବା ପାଇଁ ଆମକୁ କୋଟିଏ ଟଙ୍କା ଦରକାର ଯା' ଦ୍ୱାରା ତୁମେ ମୁକ୍ତି ପାଇ ପାରିବ । ନହେଲେ.. ।' ଅମ୍ଳାନ ତାଙ୍କ ବସ୍‌କୁ କହିଲେ, 'ସାର୍ ! ଆପଣ ମୋତେ ରକ୍ଷା କରନ୍ତୁ । ଆତଙ୍କବାଦୀମାନେ ମୋତେ ବନ୍ଦୀ ଭାବରେ ଜଙ୍ଗଲ ମଧ୍ୟରେ ରଖିଛନ୍ତି । ଆପଣ ଦୟା ନକଲେ ମୋର ମୃତ୍ୟୁ ଅବଶ୍ୟମ୍ଭାବୀ ।' ହଠାତ୍

ତାଙ୍କ ଗାଲରେ ଏକ ଶକ୍ତ ଚାପୁଡ଼ାର ଆଘାତରେ ଟେଲିଫୋନ୍‌ଟା ତଳକୁ ଖସି ପଡ଼ିଲା । 'ବାଷ୍ଟାର୍ଡ଼ ! ଆମକୁ ଆତଙ୍କବାଦୀ ନୁହେଁ ବିପ୍ଳବୀ ବୋଲି ସମ୍ବୋଧନ କରିବା ଉଚିତ୍ ।' ଏତାଦୃଶ ବ୍ୟବହାର ପାଇଁ ଅମ୍ଳାନଙ୍କୁ ମି : ରାଭାଙ୍କଠାରେ କ୍ଷମାଭିକ୍ଷା କରିବାକୁ ପଡ଼ିଲା ।

'ଆଶ୍ଚର୍ଯ୍ୟ ! ଏହି ଆତଙ୍କବାଦୀ ସଂଗଠନର କର୍ମୀମାନେ ଅନ୍ୟ ଶତ୍ରୁଦେଶର ହାତରେ କ୍ରୀଡ଼ନକ ସାଜି ଜନ୍ମଭୂମିର ସ୍ୱାଧୀନତା ହାସଲ କରିବା ନାଆଁରେ ସ୍ୱାଧୀନତାର ଯେ ବଳି ପକାଇ ସାରିଲେଣି ତାହା ବୋଧହୁଏ ସେମାନେ ଅନୁଭବ କରିପାରୁନାହାନ୍ତି । ସେମାନଙ୍କର ବ୍ୟବହୃତ ପ୍ରତ୍ୟେକ ବନ୍ଧୁକ ଓ ଗୁଳି ଷ୍ଟେନଗନ ବା ମୋର୍ଟାର ସବୁ ଯେ ଶତ୍ରୁ ଦେଶରେ ନିର୍ମିତ । ସେମାନଙ୍କୁ ଜଣାନାହିଁ ଯେ ସେମାନେ ସ୍ୱୀୟ ସ୍ୱପ୍ନ ରାଜ୍ୟରେ ବନ୍ଦୀର ଜୀବନଭାବେ କାଳାତିପାତ କରୁଛନ୍ତି । ସେମାନେ ଯେ ପ୍ରତ୍ୟେକ ମୋ ପରି ଜଣେ ଜଣେ ପଣ୍ୟବନ୍ଦୀ ତାହା ସେମାନେ ଅନୁଭବ କରିପାରିନାହାନ୍ତି !'

ଅମ୍ଳାନ ବାଉଁଶ ତିଆରି ବିଛଣା ଉପରେ ପଡ଼ିରହି ତାର ଫାଙ୍କରେ ଆସୁଥିବା ଦକ୍ଷିଣା ପବନର ବାସ୍ନା ଆହରଣ କରୁଥାନ୍ତି ଚିନ୍ତା ରାଜ୍ୟରେ ବିଚରଣ କରି । ଏ ବନର ପବନରେ ଉଡ଼ି ବୁଲୁଥିବା ସୁରଭି ଯେ ତାଙ୍କର ବିଶେଷଭାବେ ପରିଚିତ । କାରଣ, ସେ ଏଇ ମାଟିରେ ଦିନେ କୌଣସି ସଂଗଠନର ପାଇଁ କାର୍ଯ୍ୟ କରୁଥିଲେ ଏବଂ ସେ ଏଇ ମାଟିର ମଣିଷ । ହଠାତ୍ ପତ୍ନୀ ଲିନା ଏବଂ ଦୁଇ ସନ୍ତାନଙ୍କ ନିର୍ମଳ ମୁଖଟି ମାନ ତାଙ୍କ ମାନସ ପଟରେ ଉଦ୍‌ଭାସିତ ହୋଇଉଠିଲା । ସେ ନିଜକୁ ଅନେକ ଅସହାୟ ମଣୁଥିଲେ । ଲିନା ଯେ ସମ୍ବାଦପତ୍ର ମାଧ୍ୟମରେ ଏ ସଂଗଠନକୁ ଅନୁରୋଧ କରିଛନ୍ତି ତାଙ୍କର ସ୍ୱାମୀକୁ ମୁକ୍ତି ଦେବା ପାଇଁ । ମୃତ୍ୟୁର କରାଳ ବିଭୀଷିକା ତାଙ୍କ ମନରେ ଉଙ୍କିମାରୁଥାଏ । ବୋଧହୁଏ ମୃତ୍ୟୁର ଚରମ ସ୍ୱାଦ ହିଁ ତାଙ୍କୁ ଆସ୍ୱାଦନ କରିବାକୁ ପଡ଼ିପାରେ । ସାରା ବିନିଦ୍ର ରଜନୀ ଅପଲକ ନେତ୍ରରେ ବିତିଯାଏ– ସକାଳର ସୂର୍ଯ୍ୟ ଗଗନରେ ଉଦ୍‌ଭାସିତ ହେବାଯାଏଁ ।

ପ୍ରଭାତର ଶୀତଳ ପବନ ସ୍ପର୍ଶରେ କେଜାଣି କେତେବେଳେ ଅମ୍ଳାନଙ୍କର ଆଖି ଲାଗିଯାଇଛି ଏବଂ ହଠାତ୍ ଦ୍ୱାରରେ ଆଘାତ ତାଙ୍କୁ ଉଠାଇ ଦେଲା । ଅର୍ଣ୍ଣବ ଆସି ସୁସମ୍ବାଦ ଦେଲେ, 'ଦାଦା ! ଆମର ଗୋସାଇଁ ସାର ଆପଣଙ୍କୁ ମୁକ୍ତି ଦେବା ପାଇଁ ଆଦେଶ ଦେଇଛନ୍ତି ।' ଏପରି ଏକ ଚରମ ସତ୍ୟକୁ ଅମ୍ଳାନ ବିଶ୍ୱାସ କରିପାରିଲେ ନାହିଁ । ସେ ଜିଜ୍ଞାସୁ ଚକ୍ଷୁରେ ପୁଣି ଅର୍ଣ୍ଣବକୁ ପ୍ରଶ୍ନକଲେ 'ସତେ' ? 'ଆମର କମାଣ୍ଡର ଅପେକ୍ଷା କରିଛନ୍ତି ଆପଣଙ୍କୁ ଏହି ସୁସମ୍ବାଦ ଦେବା ପାଇଁ' – ଅର୍ଣ୍ଣବ କହିଲେ ।

ଦୂର ଦିଗ୍‌ବଳୟ ଧାରରୁ ସ୍ୱର୍ଣ୍ଣାଭ କିରଣର ଝଟା ସାରା ବନ ପ୍ରଦେଶକୁ ସୁନେଲି ରଙ୍ଗରେ ରଙ୍ଗାୟିତ କରି ପକାଇଥାଏ ଏବଂ ସେଇ ଆଲୋକରେ ଅମ୍ଲାନଙ୍କର ମନ ସାମାନ୍ୟ ଆଲୋକିତ ହୋଇଉଠିଥିଲା ।

ରାଭା ଅମ୍ଲାନଙ୍କ ସହିତ ହାତ ମିଳାଇ କହିଲେ, 'ତୁମେ ସକାଳର ମୁକ୍ତ ସୂର୍ଯ୍ୟର ସ୍ୱାଗତ କରିପାର ।' ଅର୍ଣ୍ଣବ ପଥ ପ୍ରଦର୍ଶକ ଭାବରେ ଅମ୍ଲାନଙ୍କୁ ପଥ କଢାଇ ଚାଲିଥାନ୍ତି ଏବଂ ସେଇ ପଥୁରିଆ ଚଟାଣ ପାଖରେ ଅମ୍ଲାନ ଅର୍ଣ୍ଣବକୁ କୁଣ୍ଢାଇ ପକାଇ ନିଜର କୃତଜ୍ଞତା ଜଣାଇ ବିଦାୟ ନେଲେ ମନରେ ଅଶେଷ ଉତ୍କଣ୍ଠାର ଅଭୀପ୍ସା ନେଇ ।

ଅମ୍ଲାନ ପାହାଡ଼ିଆ ଝରଣାର ପାଣି ପେଟେ ପିଇ ଅର୍ଣ୍ଣବକୁ ଅନିସା କରି ଦେଖିଲେ ସେ ପଥର ଚଟାଣ ଉପରୁ ହାତ ହଲାଇ ବିଦାୟ ସମ୍ବର୍ଦ୍ଧନା ଜଣାଉଛି । ମୁକ୍ତିର ଆନନ୍ଦରେ ତାଙ୍କର ମନ ଓ ପ୍ରାଣ ବିଳପି ଉଠିଲା । ସେ ତାଙ୍କର ନିଜର ଆତଙ୍କବାଦୀ ଜୀବନକୁ ମନେପକାଇ କହିଲେ, ନା ନା ଏମାନେ ଆମ ପରି ନୁହନ୍ତି । ଏମାନେ ଭଦ୍ର । ସେ ସହରରୁ ଧରି ଆଣିଥିବା ଜଣେ ବନ୍ଦୀ ପ୍ରତି ବ୍ୟବହାରକୁ ମନେପକାଇ ଚିତ୍କାର କରି ଉଠିଲେ । କାରଣ ସେ ବନ୍ଦୀ ଯେତେବେଳେ ପାର୍ବତୀୟ ଝରଣାରୁ ପାଣି ପିଇ ପ୍ରଶାନ୍ତି ଅନୁଭବ କରି ମୁକ୍ତିର ଆନନ୍ଦରେ ଅଧୀର ହୋଇ ପଡୁଥିଲେ, ସେତେବେଳେ ଅମ୍ଲାନଙ୍କର ଟ୍ରିଗର ହିଁ ତାଙ୍କୁ ମୃତ୍ୟୁ ପଥର ଯାତ୍ରୀ ସଜାଇ ଥିଲା ଏବଂ ପାର୍ବତୀୟ ଝରଣାର ଜଳ ରକ୍ତାଭ ହୋଇଉଠିଥିଲା ।

ହଠାତ୍ ଯେତେବେଳେ ଅମ୍ଲାନ ଅର୍ଣ୍ଣବକୁ ଦେଖିବାର ଚେଷ୍ଟା କରନ୍ତି ସେ ଦେଖିଲେ ଯେ ସେପଟ ଚଟାଣ ପାଖରେ ଅର୍ଣ୍ଣବ ଅସ୍ଥିର ଭାବେ ବିଚରଣ କରୁଥାଏ ଏବଂ ସେ ଅନୁଭବ କଲେ ତାଙ୍କ ମୁଣ୍ଡରେ ଏକ ତୀବ୍ର ଆଘାତ, ଏବଂ ଗୋଟିଏ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ ଶୁଣିବା ପୂର୍ବରୁ ଅମ୍ଲାନ ଭୂପତିତ ହେଲେ ।

କିଛି ଦିନ ପରେ ସକାଳର ଖବର କାଗଜରେ ବାହାରିଲା ଯେ ଗଭୀର ବନ ପ୍ରଦେଶରୁ ଅମ୍ଲାନ ଫୁକନଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି ଏବଂ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ ଏହି ଶବ ପକେଟରୁ ତିନୋଟି ଜୀବନ୍ତ ଗୁଳି ଉଦ୍ଧାର କରାଯାଇଛି ।

(ବିତୋପନ ବରବରାଙ୍କର ଗଳ୍ପର ଛାୟାରେ ଲିଖିତ)

***